ପାଠ-୧୮

# ଏକାଙ୍କିକା-ଦଳବେହେରା

STUDY NOTES

## MIND MAP



## ନାଟ୍ୟକାର ପରିଚୟ-

ନାଟ୍ୟକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଆବିର୍ଭାବରେ ଓଡ଼ିଆ ନାଟକ ତଥା ରଙ୍ଗମଞ୍ଚ କ୍ଷେତ୍ରରେ ଆଧୁନିକତାର ଯଥାର୍ଥ ପ୍ରଗତି ଆରମ୍ଭ ହୋଇଥିଲା। କବିତା ରଚନା ଓ ଅଭିନୟ କଳା ପ୍ରତି ସେ ବାଲ୍ୟକାଳରୁ ଆଗ୍ରହୀ ଥିଲେ। ଓଡ଼ିଶୀ ସଙ୍ଗୀତର ପ୍ରସାର ଓ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଶୀ ନୃତ୍ୟକୁ ସର୍ବଭାରତୀୟ ମାନ୍ୟତା ଦେବାରେ ମଧ୍ୟ ତାଙ୍କ ଉଦ୍ୟମ ଥିଲା ଉଲ୍ଲେଖଯୋଗ୍ୟ। ସେ ପଚାଶରୁ ଊର୍ଦ୍ଧ୍ୱ ରାସନାଟକ, ମଞ୍ଚନାଟକ ଏବଂ ଗୀତିନାଟ୍ୟ ରଚନା କରିଥିଲେ। 'ଭାତ', 'ଗାର୍ଲସ୍କୁଲ', 'ଅଭିଯାନ', 'ଚକ୍ରୀ', 'ରକ୍ତମନ୍ଦାର' ପ୍ରଭୃତି ନାଟକ 'ପଞ୍ଚରଙ୍ଗ', 'ଷଡ଼ରସ', 'ସପ୍ତପର୍ଣ୍ଣୀ', 'ଜୀବିତ-ତର୍ପଣ' ପ୍ରଭୃତି ତାଙ୍କର ବହୁଚର୍ଚ୍ଚିତ ରଚନା। ତାଙ୍କ ଆତ୍ମଜୀବନୀ 'କୁମ୍ଭାର ଚକ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଓଡ଼ିଶା ଥିଏଟର୍ସ' ଓଡ଼ିଶାର ମଞ୍ଚ ଇତିହାସରେ ଏକ ଉଜ୍ଜ୍ୱଳ ନାମ।

## ଏକାଙ୍କିକାର ମର୍ମବାଣୀ-

ଗଡ଼ମାଣିତ୍ରୀ ଗାଁ ମଝିରେ ଥିବା ଭାଗବତ ଘରେ ପୁରାଣ ପଣ୍ଡା ବସି ପୁରାଣ ପଢୁଥିଲେ। ଦଳବେହେରାଙ୍କ ସମେତ କେତେକ ଗ୍ରାମବାସୀ ବସି ପୁରାଣ ଶୁଣୁଥିଲେ। ଏହି ସମୟରେ ଧୂଳି ଧୂସରିତ ଅବସ୍ଥାରେ କାନ୍ଦି କାନ୍ଦି ସେଠାରେ ଉପସ୍ଥିତ ହୋଇଛି ବନମାଳୀ। ସେ ନିଜର ଚିରି ଫଡ଼ା ଫଡ଼ା ହୋଇଥିବା ନୂଆ ଗାମୁଛାକୁ ଦଳବେହେରାଙ୍କୁ ଦେଖାଇଛନ୍ତି। କିଆରୀରୁ ଫେରିବା ବାଟରେ ତାକୁ ଅଟକାଇ କର ପାଇଁ ସାତ ସମୁଦ୍ର ତେରନଈ ପାର ହୋଇ ଆସିଥିବା କଂସାସୁର ଦଳ ତା' ଉପରେ କିପରି ଜୁଲମ କରିଛନ୍ତି ତାହା ନିବେଦନ କରିଛି। ତାହା ପୁଣି କଉଡ଼ିରେ ନୁହେଁ, ଟଙ୍କାରେ। ହେଲେ ଟଙ୍କା କେଉଁଠୁ ସେମାନେ ପାଇବେ ବୋଲି ବନମାଳୀ ଦଳବେହେରାଙ୍କୁ କହିଛି।

ରଘୁନାଥ ମଧ୍ୟ ଦଳବେହେରାଙ୍କୁ ଚକରା କଥା କହିଛି, ଯିଏ କି ବାବନାଭୂତ ହୋଇ ବୁଲୁଥିଲା। ଫିରିଙ୍ଗୀ ଘରେ ପିଆଦା ଚାକିରି କରିଛି ବୋଲି ଇନ୍ଦ୍ରଚନ୍ଦ୍ର ମାନୁନାହିଁ। ସମସ୍ତ ଭେଦ ସେ ଫିରିଙ୍ଗୀକୁ ବତାଉଛି। ପଶ୍ଚିମରାଏ ଘରେ ନଥିବା ବେଳେ ତାଙ୍କ ଘରକୁ ଯାଇ ଭୁଆସୁଣୀ ଝିଅବୋହୂଙ୍କୁ ଖଜଣା ମାଗୁଛି। ତା' ତୁଣ୍ଡରୁ ପୁଣି ଅଭାଷା ଓ କୁଭାଷା ବାହାରୁଛି।